# The Odisha Gazette

**EXTRAORDINARY**
**PUBLISHED BY AUTHORITY**
**S.R.O No: 4576/2021**

**No. 10, CUTTACK, SATURDAY, JULY 17, 2021, / ASADHA 26 , 1943**


## ଓଡିଶା ଅତ୍ୟାବଶ୍ୟକ ସେବା (ପ୍ରତିପାଳନ) ସଂଶୋଧନ ବିଧେୟକ,୨୦୧୯

### ଏକ ବିଧେୟକ

### ଓଡିଶା ଅତ୍ୟାବଶ୍ୟକ ସେବା (ପ୍ରତିପାଳନ) ଅଧିନିୟମ ,୧୯୮୮ର ସଂଶୋଧନ ନିମନ୍ତେ

### ଭାରତୀୟ ସାଧାରଣତନ୍ତ୍ରର ସତୁରିତମ ବର୍ଷରେ ରାଜ୍ୟ ବିଧାନସଭା ଦ୍ଵାରା ଅଧିନିୟମିତ ହେଉ

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ

୧. ଏହି ଅଧିନିୟମକୁ ଓଡିଶା ଅତ୍ୟାବଶ୍ୟକ ସେବା (ପ୍ରତିପାଳନ) ସଂଶୋଧନ ଅଧିନିୟମ,୨୦୧୯ ଭାବେ ଅଭିହିତ କରାଯାଇପାରେ।

୨. ଓଡିଶା ଅତ୍ୟାବଶ୍ୟକ ସେବା (ପ୍ରତିପାଳନ) ଅଧିନିୟମ ,୧୯୮୮(ଯାହାକି ଏଠାରେ ମୂଳ ଅଧିନିୟମ ଭାବେ ସ୍ଵୀକୃତ)ର ପରିଚ୍ଛେଦ-୨ ଅନ୍ତର୍ଗତ ଧାରା-'କ' ର ଉପଧାରା-(iv) ପରେ ନିମ୍ନୋକ୍ତ ଉପଧାରା ଗୁଡିକ ସଂଯୁକ୍ତ ହେବ ।

")v( ଅଗ୍ନି ନିରାପତ୍ତା, ସାଧାରଣ ଶୃଙ୍ଖଳା ତଥା ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତା ସହ ଜଡିତ ଯେ କୌଣସି ସେବା ।

)vi) ଅବକାରୀ, ଜଙ୍ଗଲ, କାରାଗାର ଓ ସଂସ୍କାର ସେବା ସହ ଜଡିତ ଯେ କୌଣସି ସେବା ।

**Printed and E-Published by the Directorate of Printing, Stationery and Publication, Odisha, Cuttack-10**

)vii) ଖାଦ୍ୟ ଶସ୍ୟ କ୍ରୟ, ସଂଗ୍ରହ, ସଂରକ୍ଷଣ, ଯୋଗାଣ ଓ ବଣ୍ଟନ କାର୍ଯ୍ୟରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ମାଲିକାନାଭୁକ୍ତ ଓ ନିୟନ୍ତ୍ରଣାଧୀନ ଯେ କୌଣସି ସଂସ୍ଥା, ଉଦ୍ୟୋଗ ଅଥବା ଏଜେନ୍ସି ଦ୍ୱାରା ସମ୍ପାଦିତ ଯେ କୌଣସି ସେବା ।

)viii( ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ଯୋଗାଯୋଗ ସହ ଜଡିତ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ କୌଣସି ସଂସ୍ଥା, ଉଦ୍ୟୋଗ ଅଥବା ଏଜେନ୍ସି ଯୋଗାଇ ଦେଉଥିବା ସେବାରେ ବ୍ୟାଘାତ ସୃଷ୍ଟି ହୋଇ ସାଧାରଣ ପ୍ରଶାସନ ବିପନ୍ନ ହେଉଥିବା ପରି ସେବା ; ଏବଂ

)ix) ଯଦି ସରକାରଙ୍କ ବିଚାରରେ, ଅନ୍ୟ ଯେ କୌଣସି ସେବା କିମ୍ବା ପ୍ରସଙ୍ଗରେ ଧର୍ମଘଟ କାରଣରୁ, କୌଣସି ଲୋକ ଉପଯୋଗୀ ସେବା ଓ ସାଧାରଣ ସୁରକ୍ଷା ବିପନ୍ନ ହୁଏ, ସେହି ସେବା ଗୁଡିକ ସରକାରୀ ଗେଜେଟ ମାଧ୍ୟମରେ ଅତ୍ୟାବଶ୍ୟକ ସେବା ଭାବେ ଅଧିସୂଚିତ ହେବ ।"

ନୂଆ ଧାରା ୭(କ) ଓ ୭ (ଖ (

୩. ମୂଳ ଅଧିନିୟମର ଧାରା ୭ ପରେ ନିମ୍ନୋକ୍ତ ଧାରା ଗୁଡିକ ସଂଯୁକ୍ତ ହେବ:-

ବେଆଇନ ଧର୍ମଘଟକୁ ଆର୍ଥିକ ସାହାଯ୍ୟ ଯୋଗାଇଦେବା

୭(କ) ବେଆଇନ ଧର୍ମଘଟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜାଣିଶୁଣି ଅର୍ଥ ଖର୍ଚ୍ଚ କରୁଥିବା କିମ୍ବା ତାହାକୁ ସମର୍ଥନ କରି ଆର୍ଥିକ ସାହାଯ୍ୟ ଯୋଗାଇଦେଉଥିବା ବ୍ୟକ୍ତିଙ୍କୁ ଏକ ବର୍ଷ ଜେଲ ଦଣ୍ଡ କିମ୍ବା ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ।

ବେଆଇନ ଧର୍ମଘଟରେ ଯୋଗଦାନ କାରଣରୁ ଚାକିରୀରୁ ବହିଷ୍କାର

୭(ଖ) ଯଦି କୌଣସି କର୍ମଚାରୀ ବେଆଇନ ଧର୍ମଘଟରେ ଅଂଶ ଗ୍ରହଣ କରନ୍ତି କିମ୍ବା ଅନ୍ୟକୁ ଧର୍ମଘଟରେ ସାମିଲ ହେବା ପାଇଁ ପ୍ରରୋଚିତ କରନ୍ତି, ତାଙ୍କର ଏତାଦୃଶ କାର୍ଯ୍ୟକୁ 'ଅସଦାଚରଣ' ଭାବେ ବିବେଚନା କରାଯାଇ ତାଙ୍କ ପ୍ରତି ପ୍ରଯୁଜ୍ୟ

ସେବା ଆଇନ ଅନ୍ତର୍ଗତ ପ୍ରାବଧାନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

***

**Printed and E-Published by the Directorate of Printing, Stationery and Publication, Odisha, Cuttack-10**

Name: Director
Designation: PRTG, STY and PUBN eSign
Date: 7/17/2021 6:11:00 AM